**ସଂଶୋଧିତ ପ୍ରେସ୍ ବିଜ୍ଞପ୍ତି**

# ଅନୁଗୋଳ ଜିଲ୍ଲାକୁ ସଟ୍ ଡ଼ାଉନ୍ ଘୋଷଣା କରାଗଲା ।

(ଗୋଟିଏ ଦିନରେ ସର୍ବାଧିକ 24 କରୋନା ପଜିଟିଭ ଚିହ୍ନଟ)

ନଂ : 316 /Res. ତା.03.07.2020/

ଆଜି ଅନୁଗୋଳ ଜିଲ୍ଲାରେ ଦିନକରେ 24 ଜଣ କରୋନା ପଜିଟିଭ୍ ଚିହ୍ନଟ ହେବାପରେ ଜିଲ୍ଲାକୁ ଚଳିତ ମାସପାଇଁ ପ୍ରତ୍ୟେକ ସପ୍ତାହର ଶେଷ ଦୁଇ ଦିନ(**ଶନିବାର ଓ ରବିବାର**)କୁ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି **ସଟ୍ ଡ଼ାଉନ୍** ଘୋଷଣା କରିଛନ୍ତି । ସପ୍ତାହର ଅନ୍ୟ ପାଞ୍ଚ ଦିନ ପାଇଁ ସମସ୍ତ ବ୍ୟବସାୟୀକ ଅନୁଷ୍ଠାନ ଗୁଡ଼ିକ **ସକାଳ 7.00ଟାରୁ ଦିନ 2.00ଟା** ପର୍ଯ୍ୟନ୍ତ ଖୋଲା ରହିବ ।

ଏହି ସଟ୍ ଡ଼ାଉନ୍ ସମୟରେ ସମସ୍ତ ଅଣ-ଅତ୍ୟାଆବଶ୍ୟକିୟ କ୍ରିୟାକଳାପ ବନ୍ଦ ରହିବା ସହିତ କେବଳ ନିମ୍ନ ଲିଖିତ ଅନୁମୋଦିତ କ୍ରିୟାକଳାପ ଗୁଡ଼ିକ ଚାଲୁ ରହିବ ।

1. ସମସ୍ତ ଔଷଧ ଦୋକାନ, କ୍ଲିନିକ୍, ନର୍ସିଂ ହୋମ୍ ସହ ଆମ୍ବୁଲାନ୍ସ ସେବା
2. ଜିଲ୍ଲା ଏବଂ ପୌରପରିଷଦ ପ୍ରଶାସନ/ପୋଲିସ୍/ଅଗ୍ନି ସେବା
3. ଜରୁରୀ ସେବାରେ ନିୟୋଜିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀ
4. ଟେଲିକମ୍ ସେବା / ବିଦ୍ୟୁତ ଯୋଗାଣ ଏବଂ ବଣ୍ଟନ
5. ବିବାହ ଓ ଅନ୍ତ୍ୟେଷ୍ଟି କ୍ରିୟା (ସ୍ଥାନୀୟ ପ୍ରଶାସନ ଅନୁମତି କ୍ରମେ)
6. ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକସ୍ ମିଡ଼ିଆ
7. ଜଳ ଯୋଗଣ, ପରିମଳ ଓ ସ୍ୱେରେଜ କର୍ମୀ
8. ମାଲ୍ ପରିବହନ ଗାଡ଼ି (ଲୋଡ଼େଡ୍ ଓ ଖାଲି)
9. ଶିଳ୍ପ ସଂସ୍ଥା, କାରଖାନା ଓ ନିର୍ମାଣ କାର୍ଯ୍ୟ
10. କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ, ପଶୁ ପାଳନ ସମ୍ବନ୍ଧୀୟ କାର୍ଯ୍ୟ
11. ହୋଟେଲ ଏବଂ ସେଠାରେ କାର୍ଯ୍ୟରତ କର୍ମଚାରୀ
12. ରେଳ ଯାତାୟତ / ରାଜପଥରେ ସଡ଼କ ପରିବହନ
13. ରେଳ ଷ୍ଟେସନ, ହସ୍ପିଟାଲ ଓ ବସ୍ ଷ୍ଟାଣ୍ଡକୁ ସରକାରୀ ଓ ବେସରକାରୀ ଗାଡ଼ି ଯାତାୟତ
14. ATM / ପେଟ୍ରୋଲ୍ ପମ୍ପ / ମିଲ୍କ ବୁଥ୍
15. ଖାଦ୍ୟ ଓ ରାସନ୍ ସାମଗ୍ରୀର ହୋମ୍ ଡ଼େଲିଭେରି
16. ଖବର କାଗଜ ହକ୍କର (ସକାଳ 6.00ଟାରୁ 9.00ଟା)

କରୋନା ସଂକ୍ରମଣର ଭୟାଭୟତାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ତରଫରୁ ଜନ ସାଧାରଣଙ୍କ ସୁବିଧା ମତେ ସମସ୍ତ ପ୍ରକାର ଆନୁସଙ୍ଗିକ ଅତ୍ୟାବଶ୍ୟକିୟ ସେବା ଯୋଗାଇ ଦିଆଯାଉଛି । ସରାକାରଙ୍କ ଦ୍ୱାରା ପ୍ରଣୀତ ନିୟମାବଳୀକୁ ମାନି ସମସ୍ତେ ସାମଜିକ ଦୂରତା ଅବଲମ୍ବନ ସହ ହାତ ଧୋଇବା ଓ ମାସ୍କ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି । ଜନ ସାଧାରଣ ଆତଙ୍କିତ ନହୋଇ ଜିଲ୍ଲା ପ୍ରଶାସନର ପଦକ୍ଷେପକୁ ସମର୍ଥନ ଜଣାଇ ନିଜେ ସୁରକ୍ଷିତ ରୁହନ୍ତୁ ଓ ଅନ୍ୟକୁ ସୁରକ୍ଷିତ ରଖନ୍ତୁ ।

ମନୋଜ ମହାନ୍ତି ୩/୭/୨୦୨୦

ଜିଲ୍ଲାପାଳ, ଅନୁଗୋଳ